ରିପୋର୍ଟଯୋଗ୍ୟ

**ଭାରତର ସର୍ବୋଚ୍ଚ ନ୍ୟାୟାଳୟରେ**

**ଦେୱାନୀ ଅପିଲ କ୍ଷେତ୍ରାଧିକାର ,ସିଭିଲ ଅପିଲ ସଂଖ୍ୟା ୪୪୭/୨୦୨୨**

**(ଏସଏଲପି ସଂଖ୍ୟା ୧୨୨୨୮/୨୦୧୯ ରୁ ଆସିଛି)**

**ଅଜୟ କୁମାର ଦାସ ଏବଂ ଅନ୍ୟଜଣେ....................ଅପିଲକାରୀ (ମାନେ)**

**ବନାମ**

**ଡିଭିଜନାଲ ମ୍ୟାନେଜର ଏବଂ ଅନ୍ୟଜଣେ**..................................**ପ୍ରତିବାଦୀ (ମାନେ)**

**ରାୟ**

**ଡ. ଧନଞ୍ଜୟ ୱାଇ ଚନ୍ଦ୍ରଚୂଡ଼, ବି.**

୧ ଅନୁମତି ପ୍ରଦାନ କରାଗଲା।

୨ ଏହି ଅପିଲ ଏଫଏଓ ସଂଖ୍ୟା ୩୫୮/୨୦୧୮ ରୁ ଏପ୍ରିଲ ୧୧ ତାରିଖ ୨୦୧୮ ମସିହାରେ ଓଡ଼ିଶା ହାଇକୋର୍ଟଙ୍କ ଏକ ଜଣିଆ ଖଣ୍ଡପୀଠଙ୍କ ରାୟ ରୁ ଆସିଛି

୩ ପ୍ରଥମ ଆବେଦନକାରୀ ପଞ୍ଜିକରଣ ନମ୍ବର ଓଏଏକ୍ସ ଥିବା ଏକ ଟ୍ରକରେ ଶ୍ରମିକ ଭାବେ କାମ କରୁଥିଲେ ଏବଂ ତାଙ୍କୁ ଦ୍ୱିତୀୟ ପ୍ରତିବାଦି ବାଲି ବୋଝେଇ ଓ ଖସାଇ କାର୍ଯ୍ୟରେ ନିଯୋଜିତ କରିଥିଲେ।୫ ଜୁନ ୨୦୦୦ ମସିହାରେ ଏକ ଟ୍ରକ୍ ଦୁର୍ଘଟଣାରେ ପ୍ରଥମ ଆବେଦନକାରୀଙ୍କ ପେଟ ଓ କିଡନୀରେ ବହୁତଗୁଡିଏ ଆଘାତ ଲଗିଥିଲା। ତାଙ୍କର ଅସ୍ତ୍ରୋପଚାର କରାଯାଇଥିଲା ଏବଂ 2000 ମସିହା ଜୁନ ୨୨ ତାରିଖରେ ତାଙ୍କୁ ହସ୍ପିଟାଲରୁ ବିମୁକ୍ତ କରାଯାଇଥିଲା। କ୍ଷତିପୂରଣ ପାଇଁ ଓଡ଼ିଶାର ଶ୍ରମ କ୍ଷତିପୂରଣ ଓ ସହାୟକ ଶ୍ରମ ଆୟୋଗଙ୍କ ନିକଟରେ ଦାବି କରାଯାଇଥିଲା।୨୪ ମେ ୨୦୧୬ ରେ ଜାରି କରାଯାଇଥିବା ଏକ ଆଦେଶ ଅନୁସାରେ ଏହି ଦାବିକୁ ମଞ୍ଜୁର କରାଯାଇଥିଲା।ଏହା ମଧ୍ୟ କୁହାଯାଇଥିଲା ଯେ ସମସ୍ତ ସମ୍ଭାବ୍ୟ ଚିକିତ୍ସା ସତ୍ତ୍ୱେ ପ୍ରଥମ ଆବେଦନକାରୀ ୮୫% ପର୍ଯ୍ୟନ୍ତ ସ୍ଥାୟୀ ଭାବେ ଅକ୍ଷମ ହୋଇଯିବେ, ଯାହା ତାଙ୍କ ଆୟ କ୍ଷମତା କୁ ୧୦୦% ପର୍ଯ୍ୟନ୍ତ ହ୍ରାସ କରିବ।ମାସିକ ଆୟ ହିସାବରେ ସେ ୨୧୦୦ଟଙ୍କା ପାଉଥିବାରୁ ମୋଟ କ୍ଷତିପୂରଣ ୨,୭୮,୯୨୬ଟଙ୍କା (ମାସିକ ଆୟ ୨୧00 ର ୬0%) x ୨୨୧.୩୭ (ଯେହେତୁ ତାଙ୍କର ବୟସ୨୨ବର୍ଷ ଥିଲା) x ୧୦୦ (ଆୟ କ୍ଷତି)।ଶ୍ରମ ଆୟୋଗ ନିର୍ଦ୍ଦେଶ ଦେଇଥିଲେ ଯେ ଦୁର୍ଘଟଣା ତାରିଖ ଠାରୁ ଜମା ହେବା ପର୍ଯ୍ୟନ୍ତ ପ୍ରଦାନ କରାଯାଇଥିବା ମୂଳ ରାଶି ଉପରେ ବାର୍ଷିକ ୧୨ ପ୍ରତିଶତ ହାରରେ ସୁଧ ସହିତ କ୍ଷତିପୂରଣ ପ୍ରଦାନ କରାଯିବ।

4 ପ୍ରଥମ ପ୍ରତିବାଦୀ, ଯିଏକି ବୀମାକାରୀ, ସେ ୬୧୯ ଦିନର ବିଳମ୍ବ ସହିତ ଉଚ୍ଚ ନ୍ୟାୟାଳୟରେ ଏକ ଅପିଲ ଯାହାକି ଏଫଏଓ ସଂଖ୍ୟା-୩୫୮/୨୦୧୮ ଦାଖଲ କରିଥିଲେ।ଏହି ଆବେଦନ ୬୧୯ ଦିନ ଅକାରଣ ବିଳମ୍ବରେ ଦାଖଲ ହୋଇଥିବାରୁ ଉଚ୍ଚ ନ୍ୟାୟାଳୟ ୨୦୧୮ ଏପ୍ରିଲ ୧୧ ତାରିଖରେ ନିଜର ଆଦେଶ ଦ୍ୱାରା ଖାରଜ କରିଦେଇଥିଲେ ।ତଥାପି, ହାଇକୋର୍ଟ ନିର୍ଦ୍ଦେଶ ଦେଇଥିଲେ ଯେ ଆବେଦନକାରୀମାନେ ଉପାର୍ଜିତ ସୁଧ ବ୍ୟତୀତ ପ୍ରଦାନ କରାଯାଇଥିବା କ୍ଷତିପୂରଣ ଉପରେ କୌଣସି ସୁଧ ପାଇବାର ହକଦାର ନୁହନ୍ତି। ଉଚ୍ଚ ନ୍ୟାୟାଳୟର ଆଦେଶକୁ ସମୀକ୍ଷା କରିବା ଲାଗି ଅନୁରୋଧ କରାଯାଇଥିଲା, କିନ୍ତୁ ସମୀକ୍ଷା ଲାଗି ଆବେଦନ ମଧ୍ୟ ୮ ଫେବୃଆରୀ, ୨୦୧୯ରେ ଏହି କାରଣରୁ ଖାରଜ କରାଯାଇଥିଲା ଯେ ପ୍ରଥମ ଆବେଦନକାରୀ ସଂପୂର୍ଣ୍ଣ ସୁଧ ସହିତ ପ୍ରଦାନ କରାଯାଇଥିବା ଅର୍ଥ ଉଠାଇ ସାରିଛନ୍ତି।

୫ ହାଇକୋର୍ଟଙ୍କ ରାୟ ବ୍ୟାଖ୍ୟାତିତ ଅତେ|ସୀମାବଦ୍ଧତା ଆଧାରରେ ବୀମାକାରୀଙ୍କ ଆବେଦନକୁ ଖାରଜ କରିଦେଇଥିବାରୁ, କର୍ମଜୀବୀ କ୍ଷତିପୂରଣ ଆଇନ ୧୯୨୩ ଅନ୍ତର୍ଗତ କ୍ଷତିପୂରଣ ଉପରେ ସୁଧ ପ୍ରଦାନ କ୍ଷେତ୍ରରେ ମେଧା ଆଧାରରେ ହସ୍ତକ୍ଷେପ କରିବାର କୌଣସି ସୁଯୋଗ ଉଚ୍ଚ ନ୍ୟାୟାଳୟଙ୍କ ପାଖରେ ନଥିଲା।ଯେତେବେଳେ ସୀମା ଆଧାରରେ ଆବେଦନକୁ ଖାରଜ କରାଗଲା, ସେତେବେଳେ ହାଇକୋର୍ଟ ମେଧା ଆଧାରରେ ଏହାକୁ ଗ୍ରହଣ କରି ପାରିଲେ ନାହି । ହାଇକୋର୍ଟଙ୍କ ଭୁଲ୍ କାରଣରୁ ଜଣେ ଶ୍ରମିକ ଏବଂ ତାଙ୍କ ପତ୍ନୀଙ୍କୁ ଏହି କୋର୍ଟକୁ ଆସିବାକୁ ପଡିଛି| ଯଦିଓ ୨000 ମସିହାରେ ଏହି ଦୁର୍ଘଟଣା ଘଟିଥିଲା, କେବଳ ବର୍ତ୍ତମାନ ରାୟ ଆସିବା ପରେ ଏହି ମାମଲାର ପ୍ରକ୍ରିୟା ଶେଷ ହୋଇଯିବ|ରେକର୍ଡ ଠିକ୍ କରିବା ପାଇଁ ହାଇକୋର୍ଟ ମଧ୍ୟ ମେଧା ଆଧାରରେ ଭୁଲ କରିଛନ୍ତି। ଯଦି ନିଯୁକ୍ତିଦାତା ନିର୍ଦ୍ଧାରିତ ଏକ ମାସ ମଧ୍ୟରେ କ୍ଷତିପୂରଣ ନଦିଅନ୍ତି ,ତେବେ ଶ୍ରମିକ କ୍ଷତିପୂରଣ ଆଇନ୧୯୨୩ର ଧାରା ୪ଏ ଅନୁଯାୟୀ ଆୟୋଗ ନିଯୁକ୍ତିଦାତାଙ୍କୁ ୧୨% ସୁଧ କିମ୍ବା ତଦୁର୍ଦ୍ଧ ,ନିର୍ଦ୍ଧାରିତ ବ୍ୟାଙ୍କରୁ ନିର୍ଦ୍ଧାରିତ ଉଧାରୀ ହାରାରେ ପ୍ରଦାନ କରିବା ପାଇଁ ନିର୍ଦେଶ ଦେବେ | ।**ସବରାବିବି ୟାକୁଭାଇ ଶେଖ ବନାମ ନ୍ୟାସନାଲ ଇନସ୍ୟୁରାନ୍ସ କମ୍ପାନୀ ଲିମିଟେଡ**[1] ମାମଲାରେଏହି କୋର୍ଟ କହିଛନ୍ତି ଯେ, ଦୁର୍ଘଟଣା ତାରିଖ ଠାରୁ କ୍ଷତିପୂରଣ ଦିଆଯିବ ବୋଲି **ଓରିଏଣ୍ଟାଲ ଇନସ୍ୟୁରାନ୍ସ କମ୍ପାନୀ ଲିମିଟେଡ୍ ବନାମ ସିବି ଜର୍ଜ**[2] **ମାମଲାରେ ଏହି କୋର୍ଟଙ୍କ ନିଷ୍ପତ୍ତିକୁ ଦୃଷ୍ଟିରେ ରଖି ନ୍ୟାୟିକ ନିଷ୍ପତ୍ତିର ତାରିଖ ନୁହେଁ ବରଂ ଦୁର୍ଘଟଣା ତାରିଖରୁ କ୍ଷତିପୂରଣ ଦିଆଯିବ। ପୁଣି ଏକ ସାଂପ୍ରତିକ ନିର୍ଦେଶ କ୍ରମେ ପି. ମିନରାଜ ବନାମ ପି. ଆଦିଗୁରୁସ୍ୱାମୀ ଓ ଅନ୍ୟଜଣେ**[3] **ଙ୍କ କେସ ରେ କୋର୍ଟ ଆବେଦନକୁ ଖାରଜ କରିବା ସମୟରେ ପୁନର୍ବାର କହିଛନ୍ତି ଯେ ଦୁର୍ଘଟଣା ଦିନଠାରୁ ଦୁର୍ଘଟଣା ହେବାର ୩୦ ଦିନ ପରେ ମଧ୍ୟ ଆବେଦନକାରୀ ସୁଧ ସହିତ କ୍ଷତିପୂରଣ ପାଇବା ପାଇଁ ହକଦାର |**ତେଣୁ ସୁଧ ପ୍ରଦାନ ଆଦେଶକୁ ହଟାଇବା ଲାଗି ହାଇକୋର୍ଟଙ୍କ ପାଖରେ କୌଣସି ଆଇନଗତ ଆଧାର ନଥିଲା।

୬ ଉପରୋକ୍ତ କାରଣରୁ ଆମେ ଏପ୍ରିଲ୧୧,୨୦୧୮ ତାରିଖରେ ହାଇକୋର୍ଟଙ୍କ ନିର୍ଦ୍ଦେଶକୁ ଅଗ୍ରାହ୍ୟ କରୁଛୁ, ଯେଉଁଥିରେ ସୁଧ ପଇଠ କରିବାର ଆଦେଶକୁ ହଟାଇ ଦିଆଯାଇଛି।ଅତିରିକ୍ତ ଶ୍ରମ ଆୟୋଗ-କମ-ଆୟୋଗ, କର୍ମଜୀବୀ କ୍ଷତିପୂରଣ ଦ୍ୱାରା ଜାରି କରାଯାଇଥିବା ସୁଧ ପରିଶୋଧ ଆଦେଶ କ୍ଷତିପୂରଣ ପ୍ରଦାନ ସହିତ ପୁନଃସ୍ଥାପିତ ହେବ|

---

[1] (୨୦୧୪) ୨ ଏସସିସି ୨୯୮

[2] (୨୦୧୨) ୧୨ ଏସସିସି ୫୪୦

[3] ଦେୱାନୀ ଆବେଦନ ସଂଖ୍ୟା ୨୦୯/୨୦୨୨,୦୬ ଜାନୁୟାରୀ ୨୦୨୨ ର ନିଷ୍ପତି

୭ ଯଦିଓ ପ୍ରଥମ ପ୍ରତିବାଦୀ ଏହି କାର୍ଯ୍ୟବାହୀରେ ଉପସ୍ଥିତ ହୋଇନଥିଲେ ମଧ୍ୟ ନୋଟିସ୍ ଜାରି କରାଯିବା ସତ୍ତ୍ୱେ, ଆମେ ଭାବୁଛୁ ଯେ ଖର୍ଚ୍ଚପ୍ରଦାନ କରିବା ଆବଶ୍ୟକ କାରଣ ଆବେଦନକାରୀଙ୍କୁ ଉଚ୍ଚ ନ୍ୟାୟାଳୟର ଏକ ତ୍ରୁଟିପୂର୍ଣ୍ଣ ଆଦେଶ ବିରୋଧରେ ଏହି ନ୍ୟାୟାଳୟର ଦ୍ୱାରସ୍ଥ ହେବାକୁ ବାଧ୍ୟ କରାଯାଇଛି।ବୀମା କମ୍ପାନୀ ସୀମିତ ସୀମା ମଧ୍ୟରେ ରହିଥିବା ଏକ ଆବେଦନର ଶୁଣାଣି କରି ଉଚ୍ଚ ନ୍ୟାୟାଳୟର ଦ୍ୱାରସ୍ଥ ହୋଇଥିଲା।ଏକ ଉତ୍ତମ ସମ୍ବଳ ବିଶିଷ୍ଟ ବୀମା କମ୍ପାନୀ ନ୍ୟାୟ ଏଡ଼ାଇବା ପାଇଁ ନିଜର ପ୍ରଭାବଶାଳୀ ଅବସ୍ଥାନର ଉପଯୋଗ କରିଛି।ଏଭଳି ରଣନୀତିରୁ ଦୂରେଇ ରହିବା ଉଚିତ।ପ୍ରଦାନ କରାଯାଇଥିବା କ୍ଷତିପୂରଣ ଏବଂ ସୁଧ ବ୍ୟତୀତ ଆବେଦନକାରୀମାନେ ୫0 ହଜାର ଟଙ୍କାର ଖର୍ଚ୍ଚ ପାଇବାକୁ ଯୋଗ୍ୟ ହେବେ, ଯାହାକୁ ପ୍ରଦାନ କରାଯିବ।ଏହି କ୍ଷତିପୂରଣ ରାଶି 4 ସପ୍ତାହ ମଧ୍ୟରେ ପ୍ରଦାନ କରାଯିବ ଏବଂ ସେଥିରେ ସୁଧ ସହିତ ଅନ୍ୟ ସୁଧ ମଧ୍ୟ ପ୍ରଦାନ କରାଯିବ।

୮ ଉପରୋକ୍ତ ସର୍ତ୍ତାବଳୀରେ ଆବେଦନକୁ ଅନୁମତି ଦିଆଯାଇଛି।

୯ ଯଦି କୌଣସି ଆବେଦନ ବିଚାରାଧିନ ଥାଏ ସେଗିଡିକୁ ନିକାଶ କରିଦିଆଗଲା |

**ଡଃ। ଧନଞ୍ଜୟ ୱାଇ ଚନ୍ଦ୍ରଚୂଡ (ବିଚାରପତି)**

**ଦୀନେଶ ମାହେଶ୍ୱରୀ (ବିଚାରପତି)**

**ନୂଆଦିଲ୍ଲୀ**

**ଜାନୁଆରୀ 24, 2022**

**<u>ଅସ୍ୱୀକାର ପତ୍ର</u>**

*"ଉପଭାଷାରେ ଅନୁବାଦିତ ରାୟ କେବଳ ମୋକଦ୍ଦମାରେ ପକ୍ଷଭୁକ୍ତ ବ୍ୟକ୍ତିଙ୍କର ସୀମିତ ବ୍ୟବହାର ଏବଂ ତାଙ୍କ ଆଂଚଳିକ ଭାଷାରେ ବୋଧଗମ୍ୟ ହେବା ନିମନ୍ତେ ଉଦ୍ଦିଷ୍ଟ ଏବଂ ଅନ୍ୟ କୌଣସି ଉଦ୍ଦେଶ୍ୟ ନିମନ୍ତେ ଏହା ବ୍ୟବହାର କରାଯାଇନପାରେ | ସମସ୍ତ ବ୍ୟାବହାରିକ ଏବଂ ସରକାରୀ ଉଦ୍ଦେଶ୍ୟ ନିମନ୍ତେ ରାୟର ଇଂରାଜୀ ସଂସ୍କରଣଟି ପ୍ରାମାଣିକ ବିବେଚିତ ହେବ ଏବଂ ସମସ୍ତ କାର୍ଯ୍ୟାନ୍ୱୟନ ଏବଂ ନିଷ୍ପାଦନ ନିମନ୍ତେ ଏହା ଉପଯୁକ୍ତ ବିବେଚିତ ହେବ |"*

*Translated by Shri Jatadhari Sethi,Translator,*
*High Court of Orissa,Cuttack.*